ରାଜ୍ୟ ଅର୍ଥ କମିଶନ

ଓଡିଶା ସରକାର

***

ସଂଖ୍ୟା 4326 /ଏସ୍.ଏଫ୍.ସି. ତା. 7.2.25

ପ୍ରେରକ

ଡ. ସତ୍ୟପ୍ରିୟ ରଥ , ଭା.ପ୍ର.ସେ ,
ସଦସ୍ୟ ସଚିବ

ପ୍ରାପ୍ତେଷୁ,

ସମସ୍ତ ଜିଲ୍ଲା ପରିଷଦ ଅଧ୍ୟକ୍ଷ / ଅଧ୍ୟକ୍ଷା

ସମସ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ / ଅଧ୍ୟକ୍ଷା

ବିଷୟ : ଓଡିଶା ଅର୍ଥ କମିଶନଙ୍କୁ ସ୍ମାରକ ପତ୍ର ପ୍ରଦାନ ।

ମହାଶୟା/ମହାଶୟ,

ଓଡିଶାର ମାନ୍ୟବର ରାଜ୍ୟପାଳ ସମ୍ବିଧାନର ଧାରା 243-I ଓ 243-Y ଅନୁସାରେ ଷଷ୍ଠ ଓଡିଶା ଅର୍ଥ କମିଶନ ଗଠନ କରିଛନ୍ତି । ଏହି କମିଶନ ଲୋକସେବା ଭବନ, ଅର୍ଥ ବିଭାଗର ସଂଲଗ୍ନ କୋଠାରେ କାର୍ଯ୍ୟ କରୁଅଛି । ଏହି କମିଶନ ପଞ୍ଚାୟତି ରାଜ ସଂସ୍ଥା ଓ ପୌରସଂସ୍ଥା ମାନଙ୍କ ଉପରେ ନ୍ୟସ୍ତ ମୌଳିକ କାର୍ଯ୍ୟକଳାପ ପରିପ୍ରେକ୍ଷୀରେ ସେମାନଙ୍କ ଆର୍ଥିକ ସ୍ଥିତିର ସମୀକ୍ଷା କରି ଉକ୍ତ ସଂସ୍ଥା ମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ନିମନ୍ତେ ସୁପାରିଶ କରିବେ । ଏହି ସୁପାରିଶ କରିବା ସମୟରେ, କମିଶନ ରାଜ୍ୟ ସରକାରଙ୍କ ମୋଟ ରାଜସ୍ୱ ସମ୍ବଳ ପରିପ୍ରେକ୍ଷୀରେ ସାଧାରଣ ପ୍ରଶାସନ, ପୋଲିସ ଓ ବିଚାରବିଭାଗ, ଶିକ୍ଷା,ସରକାରୀ ସମ୍ପତ୍ତିର ରକ୍ଷଣା ବେକ୍ଷଣ, ସାମାଜିକ କଲ୍ୟାଣ, ଋଣ ପରିଶୋଧ ଆଦି ନିମନ୍ତେ ଆବଶ୍ୟକୀୟ ନିଶ୍ଚିତ ବ୍ୟୟଭାର ବିଚାରକୁ ନେବେ ଏବଂ ଏଥି ସହିତ ପଞ୍ଚାୟତି ରାଜ ଓ ପୌର ସଂସ୍ଥା ଗୁଡିକ ଉପରେ ନ୍ୟସ୍ତ ଦାୟିତ୍ୱ ଓ ସେଗୁଡିକର ରୂପାୟନ ନିମନ୍ତେ ୨୦୨୬ ମସିହା ଏପ୍ରିଲ ପହିଲାରୁ ପରବର୍ତ୍ତୀ ପାଞ୍ଚ ବର୍ଷ ପାଇଁ ଆବଶ୍ୟକୀୟ ପାଣ୍ଠି, ଅଧିକ ସମ୍ବଳ ସଂଗ୍ରହର ଆବଶ୍ୟକତା ଓ ପରିସର, ଆର୍ଥିକ ପ୍ରଶାସନର ସୁଦୃଢୀକରଣ ତଥା ସେବା ପ୍ରଦାନ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଓ ଅଧିକ ସମ୍ବଳ ସଂଗ୍ରହକୁ ପ୍ରୋତ୍ସାହିତ କରିବା ଆଦି ଅନ୍ୟାନ୍ୟ ଆନୁସଙ୍ଗିକ ବିଷୟ ବିଚାରକୁ ନେବେ । ନିମ୍ନଲିଖିତ ବିଷୟ ଉପରେ ନୀତି ନିର୍ଦ୍ଧାରଣ ପୂର୍ବକ କମିଶନ ତାଙ୍କ ରିପୋର୍ଟ ଉପସ୍ଥାପନ କରିବେ ।

(କ) ରାଜ୍ୟ ସରକାର କର, ଶୁଳ୍କ ଓ ଫିସ୍ ଆଦି ସୂତ୍ରରୁ ଆଦାୟ କରୁଥିବା ନିଟ୍ ଅର୍ଥ ରାଜ୍ୟ ସରକାର ଓ ପଞ୍ଚାୟତି ରାଜ ସଂସ୍ଥା ଏବଂ ପୌର ସଂସ୍ଥା ମାନଙ୍କ ମଧ୍ୟରେ ଆବଣ୍ଟନ ଏବଂ ପଞ୍ଚାୟତି ରାଜ ସଂସ୍ଥା ମାନଙ୍କ ପାଇଁ ମୋଟ ଅର୍ଥ ରାଶିରେ ପ୍ରତ୍ୟେକ ସ୍ତରର ଅଂଶ ନିର୍ଣ୍ଣୟ ।

(ଖ) ପଞ୍ଚାୟତି ରାଜ ସଂସ୍ଥା ଓ ପୌର ସଂସ୍ଥା ମାନଙ୍କ ଦ୍ୱାରା ଆଦାୟ ଯୋଗ୍ୟ ହୋଇଥିବା ବା ଉକ୍ତ ସଂସ୍ଥାମାନଙ୍କୁ ସମ୍ପୂର୍ଣ୍ଣ ପ୍ରାପ୍ୟ ହେବାଭଳି କର, ଶୁଳ୍କ ଓ ଫିସ୍ ଆଦି ନିର୍ଣ୍ଣୟ ।

(ଗ) ରାଜ୍ୟ ସରକାର ସଂଗଠିତ ପାଣ୍ଠିରୁ ପଞ୍ଚାୟତି ରାଜ ସଂସ୍ଥା ଓ ପୌର ସଂସ୍ଥା ନିମନ୍ତେ ଅନୁଦାନ ପ୍ରଦାନ ।

ଏତଦ୍ ବ୍ୟତୀତ ପଞ୍ଚାୟତି ରାଜ ଓ ପୌର ସଂସ୍ଥା ମାନେ କିଭଳି ନିଜସ୍ୱ ଆୟ ବୃଦ୍ଧି କରିପାରିବେ ଓ ଲବ୍ଧ ଆୟର କିଭଳି ସଦୁପଯୋଗ କରାଯାଇ ପାରିବ ସେ ବିଷୟରେ ମଧ୍ୟ କମିଶନ ସୁପାରିସ କରିବେ ।

ଯେହେତୁ କମିଶନଙ୍କୁ ସ୍ୱଳ୍ପ ସମୟର ଅବଧି ମଧ୍ୟରେ ତାଙ୍କର ରିପୋର୍ଟ ପ୍ରଦାନ କରିବାକୁ ପଡିବ, ଏହି ପତ୍ର ମାଧ୍ୟମରେ ଆପଣମାନଙ୍କୁ ଅନୁରୋଧ କରାଯାଉଛି କି, ପଞ୍ଚାୟତି ରାଜ ସଂସ୍ଥା ମାନଙ୍କର କାର୍ଯ୍ୟଧାରା,ତ୍ରିସ୍ତରୀୟ ପଞ୍ଚାୟତି ରାଜ ସଂସ୍ଥା ମାନଙ୍କୁ ହସ୍ତାନ୍ତରିତ ହୋଇଥିବା ପାଣ୍ଠି, କାର୍ଯ୍ୟ ଓ କର୍ମଚାରୀ, ଅନ୍ୟାନ୍ୟ ବାଧ୍ୟତାମୂଳକ କାର୍ଯ୍ୟର ରୂପାୟନ ତଥା ଅଧିକ ସମ୍ବଳ ସଂଗ୍ରହ ବାବଦରେ ଆପଣଙ୍କର ସୁଚିନ୍ତିତ ପରାମର୍ଶ ସ୍ମାରକ ପତ୍ର ମାଧ୍ୟମରେ ତା- ୩୧.୦୩.୨୦୨୫ରିଖ ସୁଦ୍ଧା ନିମ୍ନ ଠିକଣାରେ ପଠାଇବେ ।

ଆପଣଙ୍କର ବିଶ୍ୱସ୍ତ

(ଡ. ସତ୍ୟପ୍ରିୟ ରଥ)


<u>ଠିକଣା</u>

ସଦସ୍ୟ ସଚିବ, ଓଡିଶା ଅର୍ଥ କମିଶନ

ଅର୍ଥ ବିଭାଗ, ଓଡିଶା ସଚିବାଳୟ, ଭୁବନେଶ୍ୱର,

Email-odisha6thsfc@gmail.com